**ଘରୋଇ କଳହରୁ ମହିଳାଙ୍କ ଆତ୍ମହତ୍ୟା**

ବଡ଼ବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଝାଡ଼ଗାଁଠାରେ ଘରୋଇ କଳହରୁ ରବିବାର ସନ୍ଧ୍ୟାରେ କୂଅକୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ପାଣ୍ଡୁ ମୁଣ୍ଡାଙ୍କ ପତ୍ନୀ ସୁଷମା(୪୨)। କୌଣସି କାରଣକୁ ନେଇ ପାଣ୍ଡୁ ଓ ସୁଷମାଙ୍କ ମଧ୍ୟରେ କଳହର ସୂତ୍ରପାତ ହୋଇଥିଲା। ସୁଷମା ରାଗରେ ଘର ଅଗଣାରେ ଥିବା କୂଅକୁ ଡେଇଁ ପଡ଼ିଥିଲେ। ସୁଷମାଙ୍କୁ କୌଣସିମତେ ଉଦ୍ଧାର କରାଯାଇଥିଲେ ହେଁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବଡବିଲ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ଦେବପ୍ରିୟ, ରାକେଶ ଚାନ୍ଦବାଲି ନିର୍ବାଚନମଣ୍ଡଳୀ ସଂଯୋଜକ

ହାଟଡିହୀ,୨୭।୫(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବିଜେଡିର ୨ ନେତାଙ୍କୁ ନୂତନ ଦାୟିତ୍ୱ ମିଳିଛି। ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କେନ୍ଦୁଝର ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଡାଇରେକ୍ଟର ଦେବପ୍ରିୟ ପାତ୍ର, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ରାକେଶ ରାମଙ୍କୁ ଚାନ୍ଦବାଲି ନିର୍ବାଚନମଣ୍ଡଳୀ ସଂଯୋଜକ ଭାବେ ନିଯୁକ୍ତ କରିଛନ୍ତି।

### ଇଣ୍ଡିଆ ମେଣ୍ଟକୁ ସିପିଏମର ସମର୍ଥନ ଘୋଷଣା

ଖଇରା, ୨୭।୫(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅଧୀନ ଖଇରାଠାରେ ସିପିଏମ ଆଞ୍ଚଳିକ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୂରଲୀଧର ବେହେରା ସଭାପତିତ୍ୱ କରିଥିଲେ। ଚଳିତ ସାଧାରଣ ନିର୍ବାଚନରେ ବିଭିନ୍ନ ଦିଗକୁ ନେଇ ଆଲୋଚନା ପରିପ୍ରେକ୍ଷୀରେ ଦେଶ ଓ ରାଜ୍ୟର ହିତକୁ ଦୃଷ୍ଟିରେ ରଖି ସିପିଏମ ଇଣ୍ଡିଆ ମେଣ୍ଟର ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଜିଲା କମିଟି ସଭ୍ୟ ଜଗନ୍ନାଥ ମହାପାତ୍ର, ଆଞ୍ଚଳିକ କମିଟିସଭ୍ୟ ଭଗବାନ ଦାସ, ପ୍ରଶାନ୍ତ ବାରିକ, ପଦ୍ମଲୋଚନ ଜେନା, ପ୍ରଶାନ୍ତ ପରିଡା, ଅଭିରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବିପୁଳ ପରିମାଣର ବିସ୍ଫୋରକ ଜିଲୋଟିନ୍ ଜବତ

ବାଲେଶ୍ୱର, ୨୭।୫(ମାନସ ବିଶ୍ୱାଳ)- ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ପଥର ଖାଦାନରେ ବିସ୍ଫୋରକ ସାମଗ୍ରୀ ଜିଲୋଟିନ୍‌କୁ ପୋଲିସ ଜବତ କରିଛି। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ସୋର ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱର ଏକ ପୋଲିସ୍ ଟିମ୍ ବାଗୁଡ଼ିର ଏକ ନିଛାଟିଆ ସ୍ଥାନରୁ ୧୫୦୦ କିଲୋଗ୍ରାମ ଜିଲୋଟିନ୍ ଓ ମହୁମୁହାଣ ନିକଟସ୍ଥ ପରିତ୍ୟକ୍ତ ପଥର ଖାଦାନରୁ ୬୦୦୦ କିଲୋଗ୍ରାମ ବିସ୍ଫୋରଣ ସାମଗ୍ରୀ ଜିଲୋଟିନ୍ ଜବତ କରିଛନ୍ତି। ଏନେଇ ପୋଲିସ୍ ମାମଲା (ନଂ. ୪୭୬/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଖଞ୍ଜାମାହଲ ପାହାଡ଼ରେ ଥିବା କେତେକ ବେଆଇନ ପଥର ଖାଦାନରେ ଏହି ସାମଗ୍ରୀକୁ ବ୍ୟବହାର କରାଯାଇ ବିସ୍ଫୋରଣ କରାଯାଇ ପାହାଡ଼କୁ ଭାଙ୍ଗି ଦିଆଯାଇ ଚୋରାରେ ନିୟମିତ ଚୋରାପଥର ଚାଲାଣ କରାଯାଉଥିବା ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା ସୂଚନା ଦେଇଛନ୍ତି।

# ସମସ୍ତ ଟଙ୍କା ଜମାକଲା ବ୍ୟାଙ୍କ

## ଡିଏମ୍‌ଏଫ୍ ପାଣ୍ଠିରୁ ୯ କୋଟି ହଡ଼ପ ଘଟଣା

ବାରିପଦା,୨୭।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପରିଷଦ ଦ୍ୱାରା ପରିଚାଳିତ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ଆକାଉଣ୍ଟରୁ ଚଞ୍ଚକତା ପୂର୍ବକ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ଟ୍ରାନ୍ସଫର ଘଟଣାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ୨୬ ଦିନ ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଟ୍ରାନ୍ସଫର କରିଥିବା ସମସ୍ତ ୯ କୋଟି ୫୬ ଲକ୍ଷ ୭୬ ହଜାର ୬ ଶହ ଟଙ୍କା ଜିଲା ପ୍ରଶାସନ ଆକାଉଣ୍ଟରେ ଡିପୋଜିଟ କରିଛନ୍ତି। ତେବେ ଘଟଣାରେ ଜଡ଼ିତ ଥିବା ବ୍ୟକ୍ତିଙ୍କୁ ଇଓଡବ୍ଲ୍ୟୁର ଅଧିକାରୀମାନେ ମଧ୍ୟପ୍ରଦେଶରୁ ଗିରଫ କରିଥିବା ବେଳେ ବ୍ୟାଙ୍କର ୩ କର୍ମଚାରୀଙ୍କୁ ବଦଳି କରାଯାଇଛି।

ସୂଚନାଯୋଗ୍ୟ, ଏପ୍ରିଲ ୧୮ରେ ଜିଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ବ୍ୟାଙ୍କରେ ଜମାଟଙ୍କାକୁ ଟ୍ରାନ୍ସଫର କରିବା ଘଟଣାକୁ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଜିଲା ପରିଷଦ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରିଥିଲେ। ମାତ୍ର ଟଙ୍କା ଉଠିଥିବା ଚେକ୍‌ଗୁଡ଼ିକ କାର୍ଯ୍ୟାଳୟରେ ଗଚ୍ଛିତ ଥିବା ବେଳେ ଏହାକୁ ନେଇ ୧୯ ଏପ୍ରିଲରେ ଇଓଡବ୍ଲ୍ୟୁରେ ଏକ ମାମଲା ରୁଜୁ କରାଯାଇଥିଲା। ଇଓଡବ୍ଲ୍ୟୁର ଅଧିକାରୀମାନେ ତଦନ୍ତ କରିବା ପରେ ଏହା ଏକ ଚେକ ଫ୍ରଡ୍ ବା କ୍ଲୋନ ଚେକ୍ ବୋଲି ତଦନ୍ତରୁ ଜଣାପଡ଼ିଥିଲା। ଘଟଣାକୁ ନେଇ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ପଦକ୍ଷେପ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ୟାଙ୍କ ପକ୍ଷରୁ ଟ୍ରାନ୍ସଫର ହୋଇଥିବା ଟଙ୍କା ମଧ୍ୟରୁ ୫ କୋଟି ୪ ଲକ୍ଷ ୬ ହଜାର ୯ ଶହ ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଫେରାଇ ଆଣିଥିଲେ। ଅବଶିଷ୍ଟ ଟଙ୍କା ୩ ଦିନ ମଧ୍ୟରେ ଫେରାଇବାକୁ ବିଭାଗ ପକ୍ଷରୁ ଚିଠି (ନଂ. ୩୫୫୦/୨୨ଏପ୍ରିଲ)ରେ ବ୍ୟାଙ୍କକୁ ତାଗିଦା କରାଯାଇଥିଲା। ତେବେ ୭ ଦିନ ମଧ୍ୟରେ ସମସ୍ତ ଟଙ୍କା ଫେରାଇବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ବ୍ୟାଙ୍କ ଚିଠି (ନଂ ୧୯/୨୪)ରେ ଅବଶିଷ୍ଟ ୪ କୋଟି ୫୨ଲକ୍ଷ ୬୯ହଜାର ୭ଶହ ଟଙ୍କା ସୁଧ ସହ ୨୬ ତାରିଖରେ ଜିଲାପରିଷଦ ଆକାଉଣ୍ଟରେ ଜମା କରାଯାଇଥିବା ନେଇ ଜଣାଇଥିଲେ। ତେବେ କ୍ଲୋନ ଚେକ୍ ଦ୍ୱାରା ହୋଇଥିବା ବେଆଇନ କାରବାରରେ ଜିଲା ପ୍ରଶାସନର କୌଣସି ତ୍ରୁଟି ନ ଥିବା ଏବଂ ଏହି ପରିପ୍ରେକ୍ଷୀରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏ ନେଇ ଜିଲାପାଳ ଶିନ୍ଦେ କହିଛନ୍ତି, ଇଓଡବ୍ଲ୍ୟୁ ପକ୍ଷରୁ ତଦନ୍ତ ଜାରି ରହିଛି। ସମସ୍ତ ଟଙ୍କା ସୁଧ ସହ ନୂଆ ଆକାଉଣ୍ଟରେ ଜମା କରାଯାଇଛି।

# ଆଦିବାସୀଙ୍କ ଭୋଟ ହେବ ନିର୍ଣ୍ଣାୟକ

## ଜଳେଶ୍ୱର ନିର୍ବାଚନମଣ୍ଡଳୀ

ଜଳେଶ୍ୱର, ୨୭।୫(ନବୀନ ସାହୁ)

ବାଲେଶ୍ୱର ଲୋକସଭା କ୍ଷେତ୍ର ଅଧୀନ ଜଳେଶ୍ୱର ବିଧାନସଭା ଆସନ ଲାଗି ୮ଜଣ ପ୍ରାର୍ଥୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ବିଜେଡିରୁ ଅଶ୍ୱିନୀ ପାତ୍ର, ଭାଜପାରୁ ବ୍ରଜମୋହନ ପ୍ରଧାନ, କଂଗ୍ରେସରୁ ସୁଦର୍ଶନ ଦାସ, ସ୍ୱାଧୀନ ପ୍ରାର୍ଥୀ ଭାବେ ଦିବ୍ୟକାମ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସିଂ, ରମାକାନ୍ତ ଜେନା, ପ୍ରୋଗ୍ରେସିଭ୍ ବ୍ଲକ ଇଣ୍ଡିଆ ଦଳରୁ ପ୍ରଦୀପ କୁମାର ସିଂହ, ନବ ଭାରତ ନିର୍ମାଣ ସେବା ପାର୍ଟିରୁ ହେମନ୍ତ କୁମାର ସାହୁ ପ୍ରମୁଖ ପ୍ରାର୍ଥୀ ହୋଇଛନ୍ତି। ବିଶେଷକରି ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଲଢେଇ ହେବା ନେଇ ଆଲୋଚନା ହେଉଛି। ଏହି ନିର୍ବାଚନମଣ୍ଡଳୀରେ ରାଇବଣିଆର ଆଖପାଖରେ ଥିବା ୧୪ ପଞ୍ଚାୟତରେ ଆଦିବାସୀଙ୍କ ସଂଖ୍ୟା ଅଧିକ ଥିବାରୁ ଏମାନଙ୍କ ଭୋଟ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରେ ବୋଲି ରାଜନୈତିକ ବିଶାରଦମାନେ ଆକଳନ କରିଛନ୍ତି।

ଏଠାରେ ବିଜେଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରାକୁ ପ୍ରସଙ୍ଗ କରି ଭୋଟ ଭିକ୍ଷା କରୁଥିବା ବେଳେ ଭାଜପା କେନ୍ଦ୍ରୀୟ ଯୋଜନା ଓ ମୋଦିଙ୍କ ଗ୍ୟାରେଣ୍ଟିକୁ ପାଥେୟ କରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା ଚଳାଇଛି। କଂଗ୍ରେସ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାରଙ୍କ ମଧ୍ୟରେ ମେଣ୍ଟ ଚାଲିଛି ବୋଲି ଅଭିଯୋଗ କରିବା ସହ ରାହୁଲ ଗାନ୍ଧୀଙ୍କ ଗ୍ୟାରେଣ୍ଟିକୁ ଲୋକଙ୍କ ପାଖରେ ପହଞ୍ଚାଇ ଭୋଟ ଭିକ୍ଷା କରୁଛି। ଏଥିସହ ସ୍ୱାଧୀନ ପ୍ରାର୍ଥୀ ନିଜସ୍ୱ ଏଜେଣ୍ଡା ନେଇ ଲୋକଙ୍କ ପାଖକୁ ଯାଉଥିବା ଦେଖିବାକୁ ମିଳିଛି। ବିଜେଡି ବିଧାୟକ ପ୍ରାର୍ଥୀ ଅଶ୍ୱିନୀ ପାତ୍ର କହିଛନ୍ତି, ନିର୍ବାଚନମଣ୍ଡଳୀରେ ଅନେକ ଜନହିତକର କାର୍ଯ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଛି। ଏହି ବିକାଶଧାରାକୁ ନେଇ ସେ ଲୋକଙ୍କ ପାଖକୁ ଯାଉଛନ୍ତି। ଲୋକେ ନବୀନ ବାବୁଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ଭାଜପା ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ କହିଛନ୍ତି, ନବୀନ ସରକାର ବିଭିନ୍ନ କେନ୍ଦ୍ରୀୟ ଯୋଜନାକୁ ହାଇଜାକ କରିଛନ୍ତି। ଲୋକେ ଡବଲ ଇଞ୍ଜିନ ସରକାର ଆଣିବାକୁ ଆଗ୍ରହ ପ୍ରକାଶ ସହିତ ମୋଦୀଙ୍କ ଗ୍ୟାରେଣ୍ଟି କହି ଲୋକଙ୍କ ପାଖକୁ ଯାଉଛନ୍ତି। ଭାଜପା ଏଥର ଜଳେଶ୍ୱର ବିଧାନସଭା ଦଖଲ କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁଦର୍ଶନ ଦାସ କହିଛନ୍ତି, ୨୫ ବର୍ଷ କାର୍ଯ୍ୟକାଳରେ ନିର୍ବାଚନମଣ୍ଡଳୀରେ ସେମିତି କିଛି ଆଖିଦୃଶିଆ ବିକାଶ ହୋଇନାହିଁ। ତେଣୁ ଏଥର ଲୋକେ ସରକାର ବଦଳାଇବେ ଓ ଭୋଟ ଦେଇ କଂଗ୍ରେସକୁ ବିଜୟୀ କରିବେ। ବିଶେଷକରି ନିର୍ବାଚନମଣ୍ଡଳୀରେ ଅଧିକାଂଶ ଭୋଟର ଆଦିବାସୀ ହୋଇଥିବାରୁ ଯିଏ ଆଦିବାସୀଙ୍କୁ ମନେଇ ପାରିଲା ସେ ଫାଇଦା ନେବ ବୋଲି ରାଜନୀତିଜ୍ଞମାନେ କହିଛନ୍ତି। ଏଥିସହ ରାଇବଣିଆକୁ ବ୍ଲକ୍‌ରେ ପରିଣତ କରିବା, ଆଦିବାସୀମାନଙ୍କ ଧର୍ମୀୟ କାର୍ଯ୍ୟ ପାଇଁ ଜାହିରା ସ୍ଥାପନ, ଚାଷୀଙ୍କ ପାଇଁ ଶୀତଳଭଣ୍ଡାର, ଜଳେଶ୍ୱରକୁ ସବ୍‌ଡିଭିଜନ ମାନ୍ୟତା, ଡାକ୍ତର ଅଭାବ ସହିତ ଡାକ୍ତରଖାନାରେ ଡାକ୍ତରୀ ଉପକରଣ ଅଭାବ, ରାଇବଣିଆ ଅଞ୍ଚଳରେ ଶିକ୍ଷା ପାଇଁ ଏକ ସ୍ନାତକ ମହାବିଦ୍ୟାଳୟ ସ୍ଥାପନ, ରାଇବଣିଆ ଅଞ୍ଚଳରେ ଏକ ଶାଳପତ୍ର ମଣ୍ଡି କରିବା ପ୍ରସଙ୍ଗ ଲୋକେ ଦାବି କରୁଛନ୍ତି। ଅନ୍ୟପକ୍ଷେ ଅସନ୍ତୁଷ୍ଟ ନେତା ଏବଂ କର୍ମୀଙ୍କ ଭୂମିକା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବ ବୋଲି ଚର୍ଚ୍ଚା ହେଉଛି।

# ଦିବ୍ୟାଙ୍ଗଙ୍କୁ ସକ୍ଷମ କରିଛି ଢାବା



## ୭ ଜଣଙ୍କୁ ରୋଜଗାର ଦେଇଛନ୍ତି

କେନ୍ଦୁଝର,୨୭।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ। ଏହି କ୍ରମରେ ଘରେ ନ ବସି କିଛି ରୋଜଗାର କରିବା ଆଶା ରଖି ଚମ୍ପୁଆ ବ୍ଲକ୍ ଭଣ୍ଡା ଗ୍ରାମର ଦିବ୍ୟାଙ୍ଗ ଯୁବକ ଦୀପକ ବେହେରା ନିଜ ଗ୍ରାମରେ ଢାବା ଆରମ୍ଭ କରିଛନ୍ତି। ଚମ୍ପୁଆ-ଭଣ୍ଡା-ତୁରୁମୁଙ୍ଗା ରାସ୍ତା କଡ଼ରେ ଢାବା ଖୋଲି ନିଜେ ସକ୍ଷମ ହେବା ସହ ୭ ଜଣଙ୍କୁ କାମ ଯୋଗାଇଛନ୍ତି। ଚାଲି ପାରୁ ନ ଥିଲେ ହେଁ ନିଜ ଗୋଡ଼ରେ ଛିଡା ହୋଇ ଘର ପରିବାର ଚଳାଇବା ସହ ଅନ୍ୟମାନଙ୍କୁ ରୋଜଗାର ଦେଉଛନ୍ତି।

ଘରେ ବୃଦ୍ଧ ମା', ବାପା ଏବଂ ସ୍ତ୍ରୀ ଓ ୪ ବର୍ଷର ପୁଅ ଅଛନ୍ତି। ବାପା ପରେଶ କୁମାର ବେହେରା, ମାଛ ବିକି ପରିବାର ଚଳାଇଆସୁଥିଲେ। ତାଙ୍କର ତିନି ପୁଅ ମଧ୍ୟରେ ଦୀପକ ବଡ଼। ଘରର ବଡ଼ ପୁଅ ହିସାବରେ ପରିବାରର ଦାୟିତ୍ୱ କମ ବୟସରେ ଉଠାଇଛନ୍ତି। ଗାଁ ପାଖ ସଡଙ୍ଗି କଲେଜରୁ ଯୁକ୍ତ ୨ ପାସ କରିବା ପରେ ବିଭିନ୍ନ କାରଣରୁ ଇଚ୍ଛା ଥିଲେ ମଧ୍ୟ ଆଉ ପାଠ ପଢିପାରି ନ ଥିଲେ ବୋଲି କୁହନ୍ତି। ଗତ ୫ ବର୍ଷ ହେଲା ସେ ଢାବା ଖୋଲି ଲୋକଙ୍କୁ ସୁସ୍ୱାଦୁ ଖାଦ୍ୟ ଯୋଗାଇବା ସହ ତାଙ୍କ ଢାବାରେ ୭ ଜଣଙ୍କୁ କର୍ମନିଯୁକ୍ତି ସୁଯୋଗ ଦେଇ ପାରିଛନ୍ତି। ପ୍ରଶାସନ ପକ୍ଷରୁ ମିଳିଥିବା ବ୍ୟାଟେରି ଚାଳିତ ଟ୍ରାଇ ସାଇକେଲରେ ଢାବାକୁ ଠିକ୍ ଭାବରେ ପରିଚାଳନା କରିପାରୁଛନ୍ତି। କର୍ମଚାରୀଙ୍କ ଦରମା, ଖର୍ଚ୍ଚ ବାଦ୍ ମାସକୁ ମାତ୍ର ୭ରୁ ୮ ହଜାର ଟଙ୍କା ବଞ୍ଚୁଥିବା କହିଥିଲେ। ଫଳରେ ଅର୍ଥାଭାବରୁ ଢାବାକୁ ବଢ଼ାଇ ପାରୁନାହାନ୍ତି। ଦିବ୍ୟାଙ୍ଗଙ୍କ ପାଇଁ ଥିବା ସ୍କିମ୍‌ରେ ଆର୍ଥିକ ସହାୟତା ପାଇଁ ଆବେଦନ କରିଥିଲେ ହେଁ ମିଳୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆର୍ଥିକ ସହାୟତା ମିଳିଲେ ଢାବାକୁ ସୁନ୍ଦର ଓ ଗ୍ରାହକଙ୍କ ପାଇଁ ସୁବିଧା କରିପାରନ୍ତେ ବୋଲି ଦୀପକ କହିଛନ୍ତି। ତାଙ୍କ ବାପା ଓ ସ୍ତ୍ରୀ ଅନେକ ସମୟରେ ଢାବା ପରିଚାଳନାରେ ସହାୟତା କରିଥାନ୍ତି। ଢାବାରେ ଭାତ ସହିତ ରୁଟି, ତଡ଼କା, ଭୁଜିଆ, ମଟନ, ଚିକେନ, ମାଛ ମିଳୁଛି। ଏହି ଢାବାର ଖାଦ୍ୟ ବହୁତ ଭଲ ଏବଂ ଦାମ୍ ମଧ୍ୟ କମ୍। ସବୁ ପ୍ରକାରର ଖାଇବା ମିଳେ ବୋଲି ରାଇସୁଆଁ ଗ୍ରାମର ଜଲାଲୁଦ୍ଦିନ ଅହମଦ କହିଛନ୍ତି।

### ଟଙ୍କା ବ୍ୟାଗ ନେଇ ଦୁର୍ବୃତ୍ତ ଫେରାର, ଥାନାରେ ଅଭିଯୋଗ

କାଳିପଦା, ୨୭।୫(ରାଜଶ୍ରୀ ପାଣିଗ୍ରାହୀ)- ବାଲିଆପାଳ ବ୍ଲକ କୁସୁଡ଼ି ପଞ୍ଚାୟତ ଡାପୁଣ୍ଡିଆ ଗ୍ରାମର ରମେଶ ଚନ୍ଦ୍ର ସାହୁ ଏବଂ ତାଙ୍କ ସ୍ତ୍ରୀ କବିତା ସାହୁ ସୋମବାର ପୂର୍ବାହ୍ନରେ ଖପରାପଦା ବ୍ୟାଙ୍କରୁ ୯୮ହଜାର ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଛନ୍ତି। ସେ ଖପରାପଦା ବଜାରରେ ସାଇକେଲରେ ଟଙ୍କା ବ୍ୟାଗ୍ ରଖି ସଉଦା କରୁଥିବା ବେଳେ ୨ ଜଣ ବ୍ୟକ୍ତି ଆସି ବ୍ୟାଗ ନେଇଯାଇଥିଲେ। ଘର ଛାତ ପକାଇବା ପାଇଁ ସେ ବ୍ୟାଙ୍କରୁ ଟଙ୍କା ଉଠାଇଥିବାରୁ ସ୍ୱାମୀ ସ୍ତ୍ରୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଦମ୍ପତିଙ୍କ କହିବା ଅନୁଯାୟୀ ଜମି ବିକି ଘର କରିବା ପାଇଁ ରଖିଥିବା ଟଙ୍କା ବ୍ୟାଙ୍କରୁ ଉଠାଇବା ପରେ ଗଣିଥିଲେ। ସେଠାରେ ଦୁଇ ଜଣ ବ୍ୟକ୍ତି ତାଙ୍କ ପଛରେ ରହି ସାଇକେଲରୁ ଟଙ୍କା ବ୍ୟାଗ୍‌କୁ ନେଇଯାଇଥିଲେ ବୋଲି କହିଛନ୍ତି। ବ୍ୟାଙ୍କରେ ରହିଥିବା ସିସିଟିଭି କ୍ୟାମେରାରେ ସେହି ବ୍ୟକ୍ତିଜଣଙ୍କ ଫଟୋ ରହିଥିବା ସେମାନେ ସନ୍ଦେହ କରୁଛନ୍ତି। ଏନେଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି।

### କଡ଼ାସୁରକ୍ଷା ବଳୟରେ ଇଭିଏମ୍

ଚମ୍ପୁଆ,୨୭।୫(ମହେଶ୍ୱର ଦାସ)

୨୦୨୪ ସାଧାରଣ ନିର୍ବାଚନର ଷଷ୍ଠ ପର୍ଯ୍ୟାୟ ଶେଷ ହୋଇଛି। ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ୭୭.୪୦ ପ୍ରତିଶତ ମତଦାନ ହୋଇଛି। ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଚଳିତ ନିର୍ବାଚନରେ ୧ଲକ୍ଷ ୮୨ହଜାର ୧୮୪ଜଣ ଭୋଟର ଭୋଟଦାନ କରିଛନ୍ତି। ନିର୍ବାଚନ ମଣ୍ଡଳୀରେ ୧୫ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବା ବେଳେ ସମସ୍ତଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଛି। ସ୍ଥାନୀୟ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ କେନ୍ଦ୍ରୀୟ ସୁରକ୍ଷାବଳଙ୍କ ଦାୟିତ୍ୱରେ କଡ଼ା ସୁରକ୍ଷା ବଳୟରେ ଇଭିଏମକୁ ରଖାଯାଇଛି।

# ଯୁକ୍ତ ୨ ପରୀକ୍ଷାରେ ଏଫଏମ୍ କନିଷ୍ଠ ମହାବିଦ୍ୟାଳୟର ସଫଳତା

ବାଲେଶ୍ୱର, ୨୭।୫(ମାନସ ବିଶ୍ୱାଳ)- ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟକୁ ଚଳିତ ଶିକ୍ଷାବର୍ଷ ୨୦୨୪ରେ ଅନୁଷ୍ଠିତ +୨ କାଉନସିଲ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ମିଳିଛି। ବାଣିଜ୍ୟରେ ଅନିଶା ଝା ଓ ଆଶିକି ମହାନ୍ତି ଉଭୟ ୫୬୩ ମାର୍କ ରଖି ରାଜ୍ୟସ୍ତରରେ ଶ୍ରେଷ୍ଠ ୩ୟ ସ୍ଥାନ ଯୁଗ୍ମ ଭାବେ ହାସଲ କରି ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ସେହିଭଳି କଳାରେ ଶୁଭଶ୍ରୀ ଦାସ ୫୫୨ ମାର୍କ ରଖି ରାଜ୍ୟସ୍ତରରେ ଷଷ୍ଠ ସ୍ଥାନ ହାସଲ କରିଛନ୍ତି। ବିଜ୍ଞାନରେ ପ୍ରଜ୍ଞା ପରମିତା ଗିରି ୫୫୮ ମାର୍କ ରଖି ରାଜ୍ୟସ୍ତରରେ ୧୩ତମ ସ୍ଥାନ, ପାର୍ଥ ସାରଥୀ ତ୍ରିପାଠୀ ୫୫୭ ମାର୍କ ରଖି ୧୪ତମ ସ୍ଥାନ ଓ ପି. ଜ୍ୟୋତିକା ଧାନି ୫୫୬ ମାର୍କ ରଖି ୧୫ତମ ସ୍ଥାନ ହାସଲ କରିଛନ୍ତି। ଧନ୍ଦା ମୂଳକ ବିଜ୍ଞାନରେ ରାଜ କିଶୋର ଦାସ ୫୨୯ ମାର୍କ ରଖି ରାଜ୍ୟସ୍ତରରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି।

ବାଣିଜ୍ୟରେ ମୋଟ୍ ୨୮୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୮୯, ଦ୍ୱିତୀୟ ଶ୍ରେଣୀରେ ୬୦, ତୃତୀୟ ଶ୍ରେଣୀରେ ୨୬ ପାସ୍ କରିଥିବା ବେଳେ ୧୪ଜଣ ଫେଲ୍ ହୋଇଛନ୍ତି। ସେହିପରି କଳାରେ ମୋଟ୍ ୩୭୮ଜଣ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୨୪୦ଜଣ, ଦ୍ୱିତୀୟ ଶ୍ରେଣୀରେ ୮୪ ଜଣ, ତୃତୀୟ ଶ୍ରେଣୀରେ ୪୪ଜଣ ପାସ୍ କରିଥିବା ବେଳେ ୧୦ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ଅନ୍ୟପକ୍ଷରେ ବିଜ୍ଞାନରେ ମୋଟ୍ ୪୪୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୩୭୯ଜଣ, ଦ୍ୱିତୀୟ ଶ୍ରେଣୀରେ ୪୬ ଜଣ, ତୃତୀୟ ଶ୍ରେଣୀରେ ୬ ଜଣ ପାସ୍ କରିଥିବା ବେଳେ ୧୪ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ଧନ୍ଦା ମୂଳକ ବିଜ୍ଞାନରେ ମୋଟ୍ ୩୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୨ ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୧୮ ଜଣ ପାସ୍ କରିଛନ୍ତି। ବିଜ୍ଞାନରେ ୯୭%, ବାଣିଜ୍ୟରେ ୯୫%, କଳାରେ ୯୭% ଓ ଧନ୍ଦା ମୂଳକ ବିଜ୍ଞାନରେ ୧୦୦% ପାସ୍ କରିଛନ୍ତି। ସମସ୍ତ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ରଣାଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଯୁକ୍ତ ୨ ପରୀକ୍ଷାରେ କଳିଙ୍ଗ ଟ୍ୟୁଟୋରିଆଲର ସଫଳତା

ବାଲେଶ୍ୱର, ୨୭।୫(ମାନସ ବିଶ୍ୱାଳ)

ଶିକ୍ଷାଦାନ ଓ ଚରିତ୍ର ଗଠନରେ ନିଜର ନିଆରା ଶୈଳୀ ପାଇଁ ଚର୍ଚ୍ଚିତ ହୋଇପାରିଥିବା ବାଲେଶ୍ୱରର ନମ୍ବର ୱାନ୍ କୋଚିଂ ଇନଷ୍ଟିଚ୍ୟୁଟରେ କଳିଙ୍ଗ ଟ୍ୟୁଟୋରିଆଲ ଯୁକ୍ତ ୨ ପରୀକ୍ଷାରେ ତାର ସଫଳତାର ଧାରାକୁ ବଜାୟ ରଖିଛି। ବିଗତ ବର୍ଷଗୁଡ଼ିକ ପରି ଚଳିତବର୍ଷ ମୋଟ ୧୨୦ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୫% ପିଲା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୭୦% ଛାତ୍ରୀଛାତ୍ର ମାଟ୍ରିକ ନମ୍ବରଠାରୁ ସିଏଚ୍‌ଏସ୍‌ଇରେ ଆଶାତୀତ ଭାବରେ ଅଧିକ ନମ୍ବର ରଖିଛନ୍ତି।

ଅନୁଷ୍ଠାନର ଛାତ୍ରୀ ଗାୟତ୍ରୀ ଶଙ୍ଖୁଆ ସର୍ବାଧିକ ୫୪୦, ସତ୍ୟସୁମନ ପରିଡ଼ା ୫୩୯, ଶୁଭଶ୍ରୀ ବେହେରା ୫୩୧, ସୁଭଦ୍ରା ଦାସ ୫୨୬, ଜୟଶ୍ରୀ ପାଲ୍ ୫୨୫, ରୋଜାଲିନ ବିଶ୍ୱାଳ ୫୨୨, ସ୍ୱୟଂପ୍ରଭା ମହାଳିକ ୫୧୫, ସୁହାନି ବେରା ୫୦୭, ମୁନା ଗଙ୍ଗାଇ ୫୦୪ ନମ୍ବର ରଖି ସଫଳତାର ସିଡ଼ିରେ ପାଦ ଥାପିଛନ୍ତି। ଗାୟତ୍ରୀ ଶଙ୍ଖୁଆ ଏବଂ ସତ୍ୟସୁମନ ପରିଡ଼ା ଟ୍ୟୁଟୋରିଆଲରେ ସର୍ବାଧିକ ନମ୍ବର ରଖିବା ସହ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ପ୍ରଥମ ୧୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିଜର ସ୍ଥାନ ହାସଲ କରିଛନ୍ତି। ସମସ୍ତ ବର୍ଗର ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୈକ୍ଷିକ ପରିବେଶ, ଉତ୍ତମ ପରିଚାଳନା ଶୈଳୀ, ସ୍ୱତନ୍ତ୍ର ଏବଂ ଉପଯୁକ୍ତ ପାଠପଢ଼ା ପ୍ରଣାଳୀ ଦ୍ୱାରା ଏହି ଅନୁଷ୍ଠାନ ସଫଳତାର ମୁକୁଟରେ ମଣ୍ଡିତ ହେବା ସହ ଅଭିଭାବକଙ୍କ ମନରେ ନିଜ ପାଇଁ ଏକ ବିଶ୍ୱାସଯୋଗ୍ୟ ସ୍ଥାନ ତିଆରି କରିପାରିଛି। ପ୍ରାରମ୍ଭରୁ କଳିଙ୍ଗ ଟ୍ୟୁଟୋରିଆଲ ସର୍ବଦା ନିଜର ଅନୁରୂପ ରେଜଲ୍ଟକୁ ନେଇ ନିଜର ଉନ୍ନତ ଶିକ୍ଷଣଶୈଳୀର ପ୍ରମାଣ ଦେଇଆସିଛି। ଏନେଇ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାପାତ୍ର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି କୃତୀ ଛାତ୍ରୀଛାତ୍ରଙ୍କୁ ଇନଷ୍ଟିଚ୍ୟୁଟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଛନ୍ତି।



ଗାୟତ୍ରୀ ଶଙ୍ଖୁଆ ଏବଂ ସତ୍ୟସୁମନ ପରିଡ଼ା।

### ଶ୍ରୀରାମ ରେସିଡେନ୍ସିଆଲ କଲେଜର ପାସ୍ ହାର ଶତପ୍ରତିଶତ

ସୋର, ୨୭।୫(ଜନ୍ମେଜୟ ମିଶ୍ର)- ସୋରସ୍ଥିତ ୧୬ନଂ. ଜାତୀୟ ରାଜପଥ ତଳନଗର ଓଭରବ୍ରିଜ ନିକଟରେ ଥିବା ଶ୍ରୀରାମ ରେସିଡେନ୍ସିଆଲ କଲେଜର +୨ ବିଜ୍ଞାନ ପରୀକ୍ଷାରେ ପାସ୍‌ହାର ଶତପ୍ରତିଶତ ହୋଇଥିବା ଅନୁଷ୍ଠାନ ଚେୟାରମ୍ୟାନ ଇନ୍ଦ୍ରଜିତ କୁମାର ଦେ ପ୍ରକାଶ କରିଛନ୍ତି। ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ମୋଟ ୨୨୯ଜଣ ପରୀକ୍ଷା ଦେଇଥିଲେ। ଏଥିରେ ପ୍ରଥମ ଶ୍ରେଣୀରେ ୨୦୨ ଓ ଦ୍ୱିତୀୟ ଶ୍ରେଣୀରେ ୨୭ଜଣ ପାସ୍ କରିଛନ୍ତି। ଏଥିରେ ୫୦୦ରୁ ଅଧିକ ମାର୍କ ରଖିଥିବା ଛାତ୍ରୀଛାତ୍ର ୨୧ଜଣ ଥିବା ବେଳେ ୪୮୦ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରୀଛାତ୍ର ୩୫ଜଣ ଅଟନ୍ତି । ସୁଲଗ୍ନା ମହାରଣା ୫୩୯ ସର୍ବାଧିକ ରଖିଥିବା ବେଳେ ଗଣେଶ ସାହୁ ୫୩୭ ଓ ସୌଭାଗ୍ୟଲକ୍ଷ୍ମୀ ବେହେରା ୫୩୬ ରଖିଛନ୍ତି।

# ମାଟ୍ରିକ ପରୀକ୍ଷା: ବାଲେଶ୍ୱର ଜିଲାରେ ପାସ୍ ହାର ୯୬.୧%

ବାଲେଶ୍ୱର, ୨୭।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାରେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ୩୦, ୩୯୬ ଜଣ ଛାତ୍ରୀଛାତ୍ର ଦେଇଥିବା ବେଳେ ସେଥିମଧ୍ୟରୁ ୯୬.୧ ପ୍ରତିଶତ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି। ସେଥିମଧ୍ୟରୁ ୨୬୧ଜଣ ଏ୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସିମୁଳିଆ ବ୍ଲକର ୧୬, ସୋରର ୨୫, ଖଇରାର ୧୮, ଔପଦାର ୨, ବାହାନଗାର ୧୦, ନୀଳଗିରିର ୧୪, ସଦରର ୨୧, ରେମୁଣାର ୨୧, ବସ୍ତାର ୨୩, ବାଲିଆପାଳର ୭୩, ଜଳେଶ୍ୱରର ୨୨ ଓ ଭୋଗରାଇର ୧୬ ଛାତ୍ରୀଛାତ୍ର ଏ୧ ହାସଲ କରିଛନ୍ତି। ସେହିପରି ୧୮୬୮ଜଣ ଏ୨, ୪୩୭୯ ଜଣ ବି୧, ୬୦୭୯ ଜଣ ବି୨, ୭୬୩୫ ଜଣ ସି, ୫୯୯୮ ଜଣ ଡି ଓ ୩୭୯୫ ଇ ଗ୍ରେଡ଼ ହାସଲ କରିଛନ୍ତି। ଜଳେଶ୍ୱରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଅନିମେଶ ପାତ୍ର ୫୭୫ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ଏଥିସହିତ ମଧ୍ୟମା-୨୦୨୪ରେ ପରୀକ୍ଷା ଦେଇଥିବା ୭୯୧ଜଣଙ୍କ ମଧ୍ୟରୁ ୭୫୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

ଏନେଇ ବାଲେଶ୍ୱର ଜିଲା ଶିକ୍ଷା ଅଧିକାରିଣୀ ପ୍ରତିଭା ମଞ୍ଜରୀ ଦାସ କହିଛନ୍ତି ଯେ, ମାଟ୍ରିକ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁ ସମଗ୍ର ଶିକ୍ଷା ବିଭାଗ ଅତ୍ୟନ୍ତ ଆନନ୍ଦିତ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରାଚୀତନୟା ଗିରି ଓ ଧରଣୀଧର ପାତ୍ର ଏହି ଉଲ୍ଲେଖନୀୟ ସଫଳତା ପାଇଁ ଛାତ୍ରୀଛାତ୍ରଙ୍କ ଅଟଳ ସମର୍ପଣ, ଶିକ୍ଷୟିତ୍ରୀଶିକ୍ଷକଙ୍କ ଅକ୍ଲାନ୍ତ ଉଦ୍ୟମ ଏବଂ ଅଭିଭାବକଙ୍କ ଅମୂଲ୍ୟ ସହଯୋଗର ପ୍ରତିଫଳନ ବୋଲି ମତ ପ୍ରକାଶ କରିଛନ୍ତି।

# ଭାଜପା କ୍ଷମତାରେ ଥିବାଯାଏ ଧର୍ମଭିତ୍ତିରେ ସଂରକ୍ଷଣ ଦିଆଯିବନି: ନଡ୍ଡା

ବାରାଣସୀ,୨୭।୫(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ଦଳ ଯେପର୍ଯ୍ୟନ୍ତ କ୍ଷମତାରେ ରହିଛନ୍ତି, ସେ ପର୍ଯ୍ୟନ୍ତ ଧର୍ମ ଆଧାରରେ ସଂରକ୍ଷଣକୁ ଅନୁମତି ଦିଆଯିବ ନାହିଁ। ଉତ୍ତରପ୍ରଦେଶର ବାରାଣସୀକୁ ନିର୍ବାଚନ ପ୍ରଚାରରେ ଆସିଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସୋମବାର ଏହା କହିଛନ୍ତି। ବିରୋଧୀମାନେ ଧର୍ମ ଆଧାରରେ ସଂରକ୍ଷଣ ଦେବାକୁ ଯୋଜନା କରୁଛନ୍ତି। ତେବେ ଧର୍ମ ଭିତ୍ତିରେ ସଂରକ୍ଷଣ ଦିଆଯାଇପାରିବ ନାହିଁ ବୋଲି ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ଥିବା ନଡ୍ଡା କହିଛନ୍ତି। ଦଳିତ, ଆଦିବାସୀ, ପଛୁଆ ବର୍ଗ ଏବଂ ଅତ୍ୟନ୍ତ ପଛୁଆ ବର୍ଗଙ୍କ ପାଇଁ ରହିଥିବା ସଂରକ୍ଷଣରେ ଅନ୍ୟ କାହାକୁ ଦଖଲ ଦେବାକୁ ଦିଆଯିବ ନାହିଁ। ଜୁନ୍ ୪ରେ ବିରୋଧୀ ଦଳଙ୍କର କ'ଣ ହେଉଛି, ତାହା ଆପଣମାନେ ଦେଖିବେ ବୋଲି ଭାଜପା ଅଧ୍ୟକ୍ଷ ଖବରଦାତାମାନଙ୍କୁ କହିଛନ୍ତି।

ବାରାଣସୀରେ ବୁଦ୍ଧିଜୀବୀମାନଙ୍କର ଏକ ବୈଠକରେ ନଡ୍ଡା କହିଥିଲେ, ଦୀର୍ଘଦିନ ଯାଏ ରାଜନୀତି କହିଲେ 'ବିଭାଜନ ଓ ଶାସନ'କୁ ବୁଝାଉଥିଲା। କିନ୍ତୁ ବର୍ତ୍ତମାନ ତାହା 'ବିକାଶର ରାଜନୀତି'ରେ ପରିଣତ ହୋଇଛି। ୧୦ ବର୍ଷ ପୂର୍ବେ ରାଜନୈତିକ ସ୍ଥିତି କ'ଣ ଥିଲା ତାହା ଆପଣମାନେ ଦେଖିଛନ୍ତି। ଭାରତ ଦୁର୍ନୀତିଗ୍ରସ୍ତ ଦେଶଗୁଡ଼ିକ ମଧ୍ୟରେ ଗଣାହେଉଥିଲା। ସାଧାରଣ ଜନତାଙ୍କର ରାଜନୀତି ପ୍ରତି ଆଗ୍ରହ ନ ଥିଲା ଓ ସେମାନଙ୍କ ବିଶ୍ୱାସ ଭାଙ୍ଗିଯାଇଥିଲା, ଯାହା ସବୁଠୁ ବଡ଼ ସମସ୍ୟା ଥିଲା। ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଥିଲା ବୋଲି ଭାଜପା ନେତା କହିଛନ୍ତି। ତେବେ ଗତ ୧୦ ବର୍ଷରେ ପ୍ରଧାନମନ୍ତ୍ରୀ ମୋଦି ଦେଶର ବିକାଶକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଏକ ବିଶ୍ୱାସ ସୃଷ୍ଟି କରିଛନ୍ତି। ପୂର୍ବରୁ ବିରୋଧୀ ଦଳ ଜାତିବାଦର ପ୍ରସାର କରିବା ସହ ଧର୍ମ ଧର୍ମ ମଧ୍ୟରେ ବିଭାଜନ ସୃଷ୍ଟି କରି ରଖିଥିଲେ। ମୋଦି ଏହି ସଂସ୍କୃତିକୁ ବଦଳାଇ ଦେଇଛନ୍ତି। ଏବେ 'ସବ୍‌କା ସାଥ୍, ସବ୍‌କା ପ୍ରୟାସ ଔର ସବ୍‌କା ବିକାଶ' ମନ୍ତ୍ରରେ ବିକାଶର ରାଜନୀତି ଚାଲିଛି। ଏଥର ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୪୦୦ ପାର୍ କରିବ ଏବଂ ମୋଦି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବେ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ କହିଛନ୍ତି।

# ବିଜେଡି ଉପରେ ଲୋକେ ଭରସା କରୁନାହାନ୍ତି: ଭାଜପା

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

ଓଡ଼ିଶାରେ ୩ଟି ପର୍ଯ୍ୟାୟ ନିର୍ବାଚନ ସରିଛି। ଇତିମଧ୍ୟରେ ମିଳିଥିବା ଜନମତ ଅନୁଯାୟୀ ଏଥର ଓଡ଼ିଶାରେ ଭାଜପା ସରକାର ଗଠନ କରିବାକୁ ଯାଉଛି। ଭାଜପା ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। ଅପରପକ୍ଷେ ଦୁର୍ନୀତିଗ୍ରସ୍ତ ବିଜେଡି ଉପରେ ଲୋକେ ଆଉ ଭରସା କରୁନାହାନ୍ତି। ରାଜ୍ୟରେ ଭାଜପାର ସରକାର ପ୍ରତିଷ୍ଠା ହେଲେ ପାନ, ଧାନ, ମୀନ ଓ ପ୍ରାଣୀପାଳନ ଭଳି ବିଭିନ୍ନ ଚାଷୀଙ୍କ ସାମଗ୍ରିକ ବିକାଶ ପାଇଁ ଯେଉଁସବୁ ସଂକଳ୍ପ କରାଯାଇଛି, ତାହାକୁ ପୂରଣ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ରାଜ୍ୟ ମୁଖପାତ୍ର ପ୍ରଦୀପ ପୁରୋହିତ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ନବୀନ ପଟ୍ଟନାୟକ ଦୀର୍ଘ ୨୫ ବର୍ଷ ହେବ ଓଡ଼ିଶାରେ ଚାଷୀଙ୍କ ସହ ବିଶ୍ୱାସଘାତ କରିଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଚାଷୀଙ୍କ ଆୟ ସାରା ଭାରତରେ ତଳଆଡୁ ୨ୟ ସ୍ଥାନରେ ରହିଛି। ୨୦୧୯ରେ କାଳିଆ ଯୋଜନା ଆଣି ଚାଷୀଙ୍କୁ ଭଣ୍ଡାଇଥିଲେ। ଏହି ଯୋଜନାରେ ପ୍ରତି ଚାଷୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ଦେବାକୁ ସେତେବେଳେ ବିଜେଡି ସରକାର ଘୋଷଣା କରିଥିଲେ। ମାତ୍ର ନିର୍ବାଚନ ଜିତିବା ପରେ ସବୁ ଭୁଲିଗଲେ। ସୋହେଲା ସମାବେଶରେ ଧାନ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ ଚାଷୀଙ୍କୁ ଦେବାକୁ ନବୀନବାବୁ ଘୋଷଣା କରିଥିଲେ, କିନ୍ତୁ ଏଯାଏ ଦେଇନାହାନ୍ତି। ସେହିପରି ୨୦୨୪ର ଘୋଷଣା ମଧ୍ୟ କେବଳ ଚାଷୀଙ୍କୁ ନିର୍ବାଚନ ଥୋପ ଦେଇ ସେମାନଙ୍କୁ ଠକିବାକୁ ପ୍ରୟାସ କରାଯାଉଛି। ରାଜ୍ୟରେ ଯେତିକି ଶୀତଳଭଣ୍ଡାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ ତାହା ମଧ୍ୟ ନ କରି ଯେତିକି ଥିଲା ସେସବୁ ମଧ୍ୟ ବନ୍ଦ ହୋଇଗଲାଣି। ଅପରପକ୍ଷେ ଭାଜପା ସରକାର ହେଲେ ସମସ୍ତ ଚାଷୀଙ୍କ ସାମଗ୍ରିକ ବିକାଶ ପାଇଁ ସଂକଳ୍ପବଦ୍ଧ। ସଂକଳ୍ପ ପତ୍ରରେ ଯେଉଁ ଘୋଷଣା କରାଯାଇଛି ସେହି ପ୍ରତିଶ୍ରୁତିଗୁଡ଼ିକ କିଭଳି ପୂରଣ ହେବ ସେନେଇ ବ୍ୟାପକ ପଦକ୍ଷେପ ନିଆଯିବ। ସେହିପରି ଭାଜପା ସରକାର ହେଲେ ୫ ବର୍ଷରେ ଚାଷୀଙ୍କ ଆୟ କିପରି ଦୁଇ ଗୁଣିତ ହେବ ସେନେଇ ବିଭିନ୍ନ ପଦକ୍ଷେପ ନିଆଯିବ। ସେମାନଙ୍କ ପାଇଁ ରାଜକୋଷରେ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯିବ। ଧାନ କୁଇଣ୍ଟାଲ ପିଛା କ୍ରୟ ମୂଲ୍ୟ ୩୧୦୦ ଟଙ୍କା ଧାର୍ଯ୍ୟ କରାଯିବ। ଡିବିଟି ଜରିଆରେ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଅର୍ଥ ହସ୍ତାନ୍ତର କରାଯିବ। ଏବେର କଟ୍‌ନିଛଟ୍‌ନି ବ୍ୟବସ୍ଥାରେ ଚାଲିଥିବା ଲୁଟ୍ ପ୍ରକ୍ରିୟାକୁ ଶେଷ କରି ଦିଆଯିବ। ଏହି ବ୍ୟବସ୍ଥାରେ ବିଜେଡି ଦ୍ୱାରା ୫୦୦ କୋଟି ଟଙ୍କାର ଲୁଟ୍ ହୋଇଛି। ମାତ୍ର ଭାଜପା ସରକାରରେ ସମସ୍ତ ମଣ୍ଡିରେ ଇଲେକ୍ଟ୍ରୋନିକ ଓଜନ ଯନ୍ତ୍ର ମାଧ୍ୟମରେ ଧାନ କିଣାଯିବ। ବେଆଇନ ଭାବେ ଗୋ ହତ୍ୟା ଏବଂ ଗୋମାଂସ ବ୍ୟବସାୟ ବନ୍ଦ କରିବା ପାଇଁ ଆଇନ ଆସିବ ବୋଲି ପୁରୋହିତ କହିଛନ୍ତି।

# କଳାରେ ସୁଚିସ୍ମିତା, ବିଜ୍ଞାନରେ ହେଲିନ ଏବଂ ବାଣିଜ୍ୟରେ ସବନମ୍ ପ୍ରଥମ

## ଅନୁଗୋଳର ଯୁକ୍ତ ୨ ପରୀକ୍ଷା ଫଳ

ଅନୁଗୋଳ,୨୭।୫ (ଅମିତ କୁମାର ସାମଲ)





ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଏଥିରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର କଳାରେ ସୁଚିସ୍ମିତା ମିଶ୍ର ପ୍ରଥମ ହୋଇଥିବାବେଳେ ବିଜ୍ଞାନରେ ହେଲିନ ସ୍ୱାଇଁ ଏବଂ ବାଣିଜ୍ୟରେ ସବନମ୍ ପରବିନ ପ୍ରଥମ ହୋଇଛନ୍ତି। ସେହିଭଳି କଳାରେ ଅନୁଗୋଳ ସରକାରୀ ମହାବିଦ୍ୟାଳୟରେ ୨୦୫ ଜଣ ପାସ୍ କରିଥିବାବେଳେ ବିଜ୍ଞାନରେ ୨୮୫ ଏବଂ ବାଣିଜ୍ୟରେ ୧୭୬ ଜଣ ପାସ୍ କରିଛନ୍ତି। ମହାବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, କଳାରେ ସୁଚିସ୍ମିତା ମିଶ୍ର ୫୩୬ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ରାଜୁ ଦାସ ୫୨୬ ନମ୍ବର ରଖି ଦ୍ୱିତୀୟ ଏବଂ ଅନସୂୟା ଘଡ଼ାଇ ୫୨୨ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ତେବେ କଳାରେ ମହାବିଦ୍ୟାଳୟରୁ ୨୪୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨୦୫ ଜଣ ପାସ୍ କରିଛନ୍ତି। ସେଥିମଧ୍ୟରୁ ୭୧ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବାବେଳେ ୪୦ ଜଣ ଦ୍ୱିତୀୟ, ୯୪ ଜଣ ତୃତୀୟ ଏବଂ ୩୫ ଜଣ ଫେଲ୍ ହୋଇଛନ୍ତି। ସେହିଭଳି ବିଜ୍ଞାନରେ ହେଲିନ ସ୍ୱାଇଁ ୫୩୭ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ପ୍ରଦ୍ୟୁମ୍ନ କୁମାର ପ୍ରଧାନ ୫୨୮ ନମ୍ବର ରଖି ଦ୍ୱିତୀୟ ଏବଂ ସାଇ ସୁମନ ଦାସ ୫୨୧ ନମ୍ବର ରଖି ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ମହାବିଦ୍ୟାଳୟରେ ୩୦୫ ଜଣ ପରୀକ୍ଷା ଦେଇଥିବାବେଳେ ୨୮୫ ଜଣ ପାସ୍ କରିଛନ୍ତି। ସେଥିମଧ୍ୟରୁ ୧୯୧ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବାବେଳେ ୬୯ ଜଣ ଦ୍ୱିତୀୟ, ୨୫ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ବିଜ୍ଞାନରେ ୧୯ ଜଣ ଫେଲ୍ ହୋଇଥିବାବେଳେ ଜଣେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି ଏମ୍‌ପି ହୋଇଛନ୍ତି। ବାଣିଜ୍ୟରେ ସବନମ୍ ପରବିନ୍ ୫୫୨ ନମ୍ବର ରଖି ପ୍ରଥମ ଶ୍ରେଣୀରେ ପାସ୍ କରିଥିବାବେଳେ ସତ୍ୟଜିତ୍ ବେହେରା ୫୩୯ ନମ୍ବର ରଖି ଦ୍ୱିତୀୟ ଏବଂ ଜସମିନ୍ ସାହୁ ୫୩୬ ନମ୍ବର ରଖି ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଏଥିସହ ବାଣିଜ୍ୟରେ ୨୨୦ ଜଣ ପରୀକ୍ଷା ଦେଇଥିବାବେଳେ ୧୭୬ ଜଣ ପାସ୍ କରିଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୮୧ ଜଣ ପାସ୍ କରିଥିବାବେଳେ ୪୨ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୫୩ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ବାଣିଜ୍ୟରେ ୪୨ ଜଣ ଫେଲ୍ ହୋଇଥିବାବେଳେ ଜଣେ ଅନୁପସ୍ଥିତ ରହିଥିଲେ। ସେହିଭଳି ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି ଜଣେ ଏମ୍‌ପି ହୋଇଥିବା କଲେଜ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି।

# ଚକ୍ରଧର ସାହୁଙ୍କ ବିୟୋଗରେ ଶୋକ



ଅନୁଗୋଳ, ୨୭।୫ (ଅମିତ କୁମାର ସାମଲ)

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ ପ୍ରଥମ ବ୍ୟାଚର ଛାତ୍ର ଚକ୍ରଧର ସାହୁ(୮୯)ଙ୍କ ଗତ ୨୫ ତାରିଖରେ ଭୁବନେଶ୍ୱର ଠାରେ ପରଲୋକ ହୋଇଯାଇଛି। ସୋମବାର ବାଜି ରାଉତ ଛାତ୍ରାବାସ ପରିସରରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଚକ୍ରଧରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରାବାସର ସର୍ବ ପୁରାତନ ଛାତ୍ର ଚକ୍ରଧର ଛାତ୍ରାବାସରେ ପଢ଼ୁଥିବା ସମୟରେ ସେ ମାଳତୀ ଦେବୀ, ନବକୃଷ୍ଣ ଚୌଧୁରୀ ଓ ସାରଙ୍ଗ ଧର ଦାସଙ୍କ ପ୍ରିୟ ଭାଜନ ହୋଇ 'ବଡ଼ ଚାଟ' ଆଖ୍ୟା ପାଇଥିଲେ। ପରେ ସେ ଛାତ୍ରାବାସ କୋଷାଧ୍ୟକ୍ଷ ଏବଂ ପୁରାତନ ଛାତ୍ର ସଂସଦ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଶେଷ ଜୀବନରେ ସେ ନିଜର ଜନ୍ମମାଟି ନୟାଗଡ଼ ଠାରେ ଫାର୍ମ କରି ଆମ୍ବତୋଟା, ଗୋପାଳନ, ମତ୍ସ୍ୟ ଚାଷ କ୍ଷେତ୍ରରେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ଛାତ୍ରାବାସ ତାର ସୁଦକ୍ଷ କାର୍ଯ୍ୟକର୍ତ୍ତା, ଶୁଭେଚ୍ଛୁ ଓ ଉପଦେଷ୍ଟାଙ୍କୁ ହରାଇଲା ବୋଲି କର୍ମୀମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ସାଇଁ, ଶଙ୍କର ବେହେରା, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ସୁଜାତା ପ୍ରୀତିନନ୍ଦା, ଲିପିକା ମହାପାତ୍ର, ବିଷ୍ଣୁପ୍ରିୟା ନାୟକ, ଚୈତନ୍ୟ ପ୍ରଧାନ, ଅନିରୁଦ୍ଧ ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କର ଶେଷ ଦର୍ଶନ ପାଇଁ ଭୁବନେଶ୍ୱର ଯାଇଥିବା କୃଷ୍ଣା ମହାନ୍ତି, କୈଳାସ ଭାଇ, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ଡ. ବିଶ୍ୱଜିତ ଓ ଛାତ୍ରାବାସ ସଭାପତି ଶୈଳଜ ରବି ମଧ ଚକ୍ର ଭାଇଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

# ନାଲ୍‌କୋ ଏସ୍‌ଭିଏମ୍‌ର ଶତପ୍ରତିଶତ ସଫଳତା

ଅନୁଗୋଳ,୨୭।୫(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍‌କୋନଗରସ୍ଥିତ ନାଲ୍‌କୋ ସରସ୍ୱତୀ ବିଦ୍ୟା ମନ୍ଦିର ମାଟ୍ରିକ ଏବଂ ଯୁକ୍ତ ୨ ବିଜ୍ଞାନ, କଳା ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଥିବାରୁ ଭାରପ୍ରାପ୍ତ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପାଢ଼ୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଧ୍ୟାପକ ସୁଶାନ୍ତ ଦାସ, ସତ୍ୟବାଦୀ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶଂସା କରିଛନ୍ତି। ମାଟ୍ରିକରେ ଏ-୧ରେ ୬ଜଣ, ଏ-୨ରେ ୧୫ ଜଣ, ବି-୧ରେ ୫୨ ଜଣ, ବି-୨ରେ ୬୪ ଜଣ, ସି-ରେ ୯୦ ଜଣ, ଡି-ରେ ୩୮ ଜଣ ଏବଂ ଇ- ରେ ୧୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ମୋଟ ୨୭୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେହିପରି ଯୁକ୍ତ ୨ କଳାରେ- ୯୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ସ୍ଥାନରେ ୧୮ ଜଣ, ଦ୍ୱିତୀୟ ସ୍ଥାନରେ ୨୧ ଏବଂ ତୃତୀୟ ସ୍ଥାନରେ ୫୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଯୁକ୍ତ ୨ ବିଜ୍ଞାନରେ ମୋଟ ୮୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୯ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୭ ଜଣ ଏବଂ ତୃତୀୟ ଶ୍ରେଣୀରେ ୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା





ତାଳଚେର,୨୭।୫( ମନୋଜ ନନ୍ଦ)

ତାଳଚେର ସନ୍ଥପଡ଼ାସ୍ଥିତ ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବିଦ୍ୟାଳୟର ଶତପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ମୋଟ ୧୦୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୬୩ ଜଣ ଫାଷ୍ଟ ଡିଭିଜନ, ୩୮ ଜଣ ସେକେଣ୍ଡ ଡିଭିଜନ ଓ ୪ ଜଣ ଥାର୍ଡ ଡିଭିଜନରେ ପାସ୍ କରିଛନ୍ତି। ଛାତ୍ର ପ୍ରିୟାଂଶୁ କୁମାର ସାମଲ ୪୯୮ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ଶକ୍ତିପ୍ରସାଦ ସାହୁ ୪୬୮ ଓ କ୍ଷୀରୋଦ ଚନ୍ଦ୍ର ସାହୁ ୪୬୨ ନମ୍ବର ରଖି ତୃତୀୟ ସ୍ଥାନରେ ଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ବିଜ୍ଞାନରେ ଶ୍ରେୟାଂଶ, କଳାରେ ଶ୍ରୁତିସମ୍ପର୍ଣ୍ଣା ଟପ୍ପର

ଆଠମଲ୍ଲିକ,୨୭।୫
(ଉଦୀପ୍ତ ପୁରୋହିତ)




ଆଠମଲ୍ଲିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ଓ କଳା ବିଭାଗର ପରୀକ୍ଷା ଫଳ ପ୍ରକାଶ ପାଇଛି। ବିଜ୍ଞାନରେ ଶ୍ରେୟାଂଶ ଷଡ଼ଙ୍ଗୀ ଓ କଳାରେ ଶ୍ରୁତି ସମ୍ପର୍ଣ୍ଣା ଦାସ ଆଠମଲ୍ଲିକ +୨ କଲେଜର ଟପ୍ପର ହୋଇଥିବା ଜଣାପଡିଛି। ବିଜ୍ଞାନରେ ମୋଟ ୫୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଫାଷ୍ଟ ଡିଭିଜନରେ ୨୦ ଜଣ, ସେକେଣ୍ଡ ଡିଭିଜନରେ ୨୧ ଓ ଥାର୍ଡ ଡିଭିଜନରେ ୧୭ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେହିପରି କଳା ବିଭାଗରେ ମୋଟ ୧୧୮ ଜଣ ପରୀକ୍ଷା ଦେଇଥିବା ବେଳେ ଫାଷ୍ଟ ଡିଭିଜନରେ ୯ ଛାତ୍ରୀଛାତ୍ର, ସେକେଣ୍ଡ ଡିଭିଜନରେ ୧୩ ଜଣ ଓ ଥାର୍ଡ ଡିଭିଜନରେ ୫୬ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବା କଲେଜ ସୂତ୍ରରୁ ଜଣାପଡିଛି।

# ଯୁବକଙ୍କୁ ଠେଙ୍ଗାରେ ଆକ୍ରମଣ ଅଭିଯୋଗ

ବଇଣ୍ଡା,୨୭।୫(ପରିକ୍ଷିତ ସାହୁ)

କିଶୋରନଗର ଥାନା ପାଣ୍ଡୁରୀପଥର ଗ୍ରାମର ରାକେଶ ସାହୁଙ୍କୁ ସେହି ଗ୍ରାମର ରସାନନ୍ଦ ସାହୁ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଶନିବାର କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ରାକେଶ ଘରେ ଏକା ଥିବାବେଳେ ପୂର୍ବଶତ୍ରୁତାକୁ ନେଇ ତାଙ୍କୁ ରସାନନ୍ଦ ଆକ୍ରମଣ କରିଥିଲେ। ପୋଲିସ ନମ୍ବର ୧୨୨/୨୪ ରେ ଏକ ମାମଲା ରୁଜୁ କରିଛି। ସେହିପରି ରସାନନ୍ଦ ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ତାଙ୍କୁ ରାକେଶ ଓ ତାଙ୍କର ସହଯୋଗୀ ଅଶୋକ କୁମାର ସାହୁ ଏକ ଠେଙ୍ଗା ସାହାଯ୍ୟରେ ମାଡ଼ ମାରିଛନ୍ତି। ପୋଲିସ ନଂ. ମ୍ବର ୧୨୪/୨୪ ରେ ଏକ ମାମଲା ରୁଜୁ କରିଛି।

# ଘରେ ପଶି କଳାକନା ବୁଲାଇଲେ

ଅନୁଗୋଳ,୨୭।୫
(ଅମିତ କୁମାର ସାମଲ)

ଅନୁଗୋଳ ଟାଉନ ଥାନା ଅଧୀନ ହୁଲୁରିସିଂହା ଅଞ୍ଚଳରେ ଘରେ ପଶି ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଏ ନେଇ ସଦାବ ଖାନ୍ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୫୦୧/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ସଦାବ ଉତ୍ତରପ୍ରଦେଶ ନିବାସୀ ହୋଇଥିବାବେଳେ ହୁଲୁରିସିଂହାରେ ରହି ଏକ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ଗତ ୨୪ ତାରିଖରେ ସେ ଘରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ମୋବାଇଲ ଫୋନ୍, ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରି ନେଇଛନ୍ତି। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ପାତ୍ରପଡ଼ାରେ ନିର୍ବାଚନୀ ହିଂସା, ୨ ଗୁରୁତର




ଛେଣ୍ଡିପଦା,୨୭।୫ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ଥାନା ପାତ୍ରପଡା ଗ୍ରାମରେ ସୋମବାର ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ପାତ୍ରପଡାର ଉପେନ୍ଦ୍ର ସାହୁ ମଧ୍ୟାହ୍ନରେ ତାଳମଣ୍ଡଳୀସାହିରୁ ଫେରୁଥିବାବେଳେ ସେହି ଗ୍ରାମର ଟୁକୁନା ସାହୁ ବାଟରେ ଅଟକାଇ ତାଙ୍କୁ ଗାଳିଗୁଲଜ କରିବା ସହିତ ଉକ୍ତ ରାସ୍ତା ଦେଇ ଯାଇପାରିବୁ ନାହିଁ ବୋଲି ଧମକ ଦେଇଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଟୁକୁନା ଏକ ମାଉଜରର ପଛପାଖରେ ଉପେନ୍ଦ୍ରଙ୍କ ମୁଣ୍ଡକୁ ଆକ୍ରମଣ କରିଥିବାରୁ ମୁଣ୍ଡ ଫାଟିଯାଇଥିଲା। ଏ ନେଇ ଉପେନ୍ଦ୍ର ଚିକିତ୍ସିତ ହେବା ପରେ ଘଟଣା ସମ୍ପର୍କରେ ବାଗଡିଆ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଏହାର ପ୍ରତିବାଦରେ ଶତାଧିକ ଭାଜପା କର୍ମୀ ନ୍ୟାୟ ଦାବିରେ ବାଗଡିଆ ଥାନା ଘେରାଉ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଟିମ୍ ପାତ୍ରପଡା ଗ୍ରାମକୁ ଯାଇ ଘଟଣାର ତଦନ୍ତ ଜାରି ରଖିଥିବାବେଳେ ପାତ୍ରପଡା ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ସେହିପରି ଉକ୍ତ ଗ୍ରାମରେ ଅନ୍ୟ ଏକ ଗଣ୍ଡଗୋଳ ଘଟଣାରେ ମାମଲା ସାହୁ ଗୁରୁତର ହୋଇଛନ୍ତି। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ବ୍ୟବସାୟକୁ ନେଇ ମାରପିଟ୍, ଜଣେ ଗିରଫ

ଅନୁଗୋଳ,୨୭।୫(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଣ୍ଟରପାଳ ଥାନା ମହୀଧରପୁର ଗ୍ରାମର ରମେଶ ବେହେରା (୪୫)ଙ୍କୁ ପୋଲିସ ସୋମବାର ଗିରଫ କରିଛି। ରମେଶ ମହୀଧରପୁର ମଧୁକେଶ୍ୱରୀ ବଜାରରେ ଏକ ହାର୍ଡୱେୟାର ଦୋକାନ କରିଛନ୍ତି। ସେହି ବଜାରରେ ପପୁ ଜେନା ପୂର୍ବରୁ ହାର୍ଡୱେୟାର ଦୋକାନ କରିଥିଲେ। ତେବେ ପପୁଙ୍କ ଦୋକାନରେ ବିକ୍ରିବଟା ମାନ୍ଦା ହେବାରୁ ସେ ରମେଶଙ୍କୁ ଦୋକାନ ବନ୍ଦ କରିବାକୁ ଧମକ ଦେବା ସହ ବିଭିନ୍ନ ସମୟରେ କଟୁ ସମାଲୋଚନା କରିବା ଏବଂ ନିଃସନ୍ତାନ ବୋଲି ବାରମ୍ବାର କହୁଥିଲେ। ଏହି ଘଟଣାକୁ ନେଇ ରବିବାର ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରମେଶ ରାଗିଯାଇ ପପୁ ଜେନାଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଏ ନେଇ ପପୁ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ କରି ରମେଶଙ୍କୁ କୋର୍ଟ ଚାଲାଣ କରିଛି ।

# ରେଳ ଧାରଣାରୁ ମୃତଦେହ ଜବତ

ଅନୁଗୋଳ,୨୭।୫ (ଅମିତ କୁମାର ସାମଲ)

ତାଳଚେର ରେଳଷ୍ଟେଶନ ପୂର୍ବରୁ ଧାରଣାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ବେଳେ ଜିଆର୍‌ପିଏଫ ତାହାକୁ ଜବତ କରିଛି। ଉକ୍ତ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟର ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ମୃତକଙ୍କ ଘର ପଶ୍ଚିମବଙ୍ଗର ମୁର୍ଷିଦାବାଦ ବୋଲି ଜଣାପଡିଛି। ଘର ଲୋକେ ଆସିବା ପରେ ସେ କିପରି ଏଠାକୁ ଆସିଥିଲେ ତାହା ଜଣାପଡ଼ିଛି। ଜିଆର୍‌ପିଏଫ ତଦନ୍ତ ଜାରି ରଖିଛି।

# ଏ-୧ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଆଠମଲ୍ଲିକ,୨୭।୫(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସହରସ୍ଥିତ ସର୍ବପୁରାତନ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଗ୍ରେଡ ଏ-୧ରେ ପାସ କରିଥିବା ଛାତ୍ରୀଛାତ୍ରଙ୍କୁ ସୋମବାର ସ୍କୁଲ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଦିଆଯାଇଛି। ସମା ସାନିଆ ବେଗମ ୫୫୨ ନମ୍ବର ଓ ସୌମ୍ୟଜିତ ସାହୁ ୫୪୦ ନମ୍ବର ରଖି ଗ୍ରେଡ ଏ-୧ରେ ପାସ କରିଥିବାରୁ ସେମାନଙ୍କୁ ଟ୍ରଫି ସହ ପୁଷ୍ପଗୁଚ୍ଛ ଦେଇ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନ ସମ୍ବର୍ଦ୍ଧନା ଦେଇଥିଲେ। ଉଚ୍ଚଶିକ୍ଷାରେ ଶୀର୍ଷ ସ୍ଥାନକୁ ଯିବା ପାଇଁ ଚେଷ୍ଟା କରିବା ସହିତ ମା' ବାପା ଓ ଜନ୍ମସ୍ଥାନର ଟେକ ରଖିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ସମା ସାନିଆ ବେଗମଙ୍କ ମା' ରୋଜି ବେଗମ, ପିତା ମେହେମୁଦ ଖାଁ ଓ ଛାତ୍ର ସୌମ୍ୟଜିତ ସାହୁଙ୍କ ମା ସସ୍ମିତା ସାହୁ ଓ ବାପା ରଞ୍ଜନ କୁମାର ସାହୁ, ଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନ, ଅନିତା ବାରିକ, ଶିକ୍ଷକ ସୁଧାଂଶୁ ଶେଖର ବିଶ୍ୱାଳ, ମହେନ୍ଦ୍ର ସିଠ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ମାତା, ପିତା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଏ-୧ ପାଇଥିବା ଛାତ୍ରୀଛାତ୍ର।

# ୨୯ରୁ ବଇଣ୍ଡା ଚନ୍ଦନ ଯାତ୍ରା

- ବସିଲା ପୋଲିସ-ଗ୍ରାମବାସୀ ପ୍ରସ୍ତୁତି ବୈଠକ
- ୪ ଦିନ ଧରି ହେବ ସାଂସ୍କୃତିକ କାର୍ଯ୍ୟକ୍ରମ
- ଟ୍ରାଫିକ ସମସ୍ୟା ଉପରେ ଅଧିକ ଗୁରୁତ୍ୱ

ବଇଣ୍ଡା,୨୭।୫(ପରିକ୍ଷିତ ସାହୁ)



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀମାନଙ୍କ ସହ ଗ୍ରାମବାସୀ।

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଆସନ୍ତା ୨୯ ତାରିଖରୁ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଏହି ଯାତ୍ରା ୪ ଦିନ ପାଇଁ ହେବାକୁ ଥିବାବେଳେ ମେଳା ୭ ଦିନ ଧରି ଚାଲିବ। ଏଥିପାଇଁ ସୋମବାର ବଇଣ୍ଡା ଫାଣ୍ଡି ପରିସରରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହଣ୍ଡପା ଆଇଆଇସି ନମିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଠମଲ୍ଲିକ ଏସ୍‌ଡିପିଓ ବାଳକୃଷ୍ଣ କଅଁର, ଯାତ୍ରା କମିଟି ସଭାପତି ଜିତେନ୍ଦ୍ର ବେହେରା, ବଇଣ୍ଡା ଗ୍ରାମ ଉପ ସଭାପତି ଅରବିନ୍ଦ ସାହୁ, ସମ୍ପାଦକ ଲକ୍ଷ୍ମୀଧର ବେହେରା, ସହ ସମ୍ପାଦକ ପରିକ୍ଷିତ ସାହୁ, କୋଷାଧ୍ୟକ୍ଷ ବିନୀତ ସାହା, ରମେଶ କୁମାର ଟିବ୍ରୁୱାଲା, ପୂର୍ବତନ ସରପଞ୍ଚ ଜଳଧର ସାହୁ, ଜମ୍ବେଶ୍ୱର ସାହୁ, ଗିରିଶ ବେହେରା, ଉଗ୍ରେସନ ସେଠୀ, ମାନସ ସାହୁ, ସୁବାସ ଶତପଥୀ, ବିକ୍ରମ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ବୁଧବାର ଯାତ୍ରା ହେବାକୁ ଥିବାବେଳେ କିଭଳି ଧୁମ୍‌ଧାମ୍‌ରେ ଯାତ୍ରା ଅନୁଷ୍ଠିତ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିସହ ୪ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ କିଭଳି ଶାନ୍ତିଶୃଙ୍ଖଳାର ସହ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିସହ ଟ୍ରାଫିକ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦେବା ସହ ବାଇପାସ୍ ଜରିଆରେ ରାତି ୧୦ଟା ପରେ ଗାଡି ଛାଡିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ସମସ୍ତ ସଦସ୍ୟ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।




# ଢେଙ୍କାନାଳ ଜିଲାରେ ମାଟ୍ରିକ୍ ପାସ୍ ହାର ୯୫.୧୨ ପ୍ରତିଶତ

- ୩୧ଜଣ ଏ-୧ରେ ଉତ୍ତୀର୍ଣ୍ଣ, ପାର୍ଥସାରଥି ଜିଲା ଟପ୍ପର
- ଗତବର୍ଷ ଅପେକ୍ଷା ଏ-୧ ସଂଖ୍ୟା ଅଧାରୁ ଅଧିକ କମିଲା

ଢେଙ୍କାନାଳ,୨୭।୫(ରତନ ନାୟାର)

ଢେଙ୍କାନାଳ ଜିଲାରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ପାସ୍ ହାର ୯୫.୧୨ ପ୍ରତିଶତ ହୋଇଛି। ଜିଲାର ୨୬୯ଟି ଉଚ୍ଚ ବିଦ୍ୟାଳୟର ମୋଟ ୧୬,୪୪୦ ଛାତ୍ରୀଛାତ୍ର ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୧ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ହାସଲ କରିଛନ୍ତି। ଗତବର୍ଷ ୮୨ଜଣ ଏ-୧ ଗ୍ରେଡ୍ ହାସଲ କରିଥିବା ବେଳେ ଚଳିତବର୍ଷ ୩୧ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ହାସଲ କରିବା ଜିଲାରେ ଆଲୋଚନାର ବିଷୟ ହୋଇଛି। ଚଳିତବର୍ଷ ଜିଲାର ଗଁଦିଆ ବ୍ଲକ ସରକାରୀ ହାଇସ୍କୁଲର ଛାତ୍ର ପାର୍ଥସାରଥି ଖିଲାର ୫୬୦ ନଂ. ରଖି ଜିଲାରେ ଟପ୍ପର ହୋଇଛନ୍ତି। ସେହିପରି ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସାର୍ଥକ ସାହୁ ୫୫୩ନଂ. ରଖି ଦ୍ୱିତୀୟ, କାମାକ୍ଷାନଗର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ଦୀପ୍ତିମୟୀ ମହାନ୍ତି, କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କିରଣ କସ୍ତୁରିକା ଓ ଓମ୍‌ପ୍ରଭା ନାୟକ, ସୁଲକ୍ଷଣାଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଢେଙ୍କାନାଳର ପ୍ରଜ୍ଞା ପ୍ରିୟଦର୍ଶିନୀ ରାଉଳ, ଭୁବନ ହାଇସ୍କୁଲର ରୁଦ୍ର ନାରାୟଣ ସାହୁ, ପଞ୍ଚାୟତରାଜ ହାଇସ୍କୁଲ କାନପୁରା କାମାକ୍ଷାନଗରର ପ୍ରଥମେଶ ସାହୁ ଓ ସିପ୍ରା ସାଗରିକା ପୃଷ୍ଟି ପ୍ରମୁଖ ୫୫୨ନମ୍ବର ରଖିଛନ୍ତି ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି। ସୋମବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ପ୍ରମୁଖ ପାର୍ଥସାରଥୀଙ୍କୁ ତାଙ୍କର ସଫଳତା ପାଇଁ ସମ୍ବର୍ଦ୍ଧିତ କରିଥିଲେ।


ଜିଲା ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଜିଲା ଟପ୍ପରଙ୍କ ମୁହଁରୁ

## ଆଦର୍ଶ ଶିକ୍ଷକ ହେବି-ପାର୍ଥସାରଥି



ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସରକାରୀ ହାଇସ୍କୁଲ ଗଁଦିଆର ଛାତ୍ର ପାର୍ଥସାରଥି ଖିଲାର ଚଳିତବର୍ଷ ମୋଟ ୫୬୦ ନମ୍ବର ରଖି ଢେଙ୍କାନାଳ ଜିଲାର ଟପ୍ପର ହୋଇଛନ୍ତି। ଏହି ସଫଳତା ପାଇଁ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ବହୁତ ଖୁସି ଲାଗୁଛି। ଭବିଷ୍ୟତରେ ଜଣେ ଆଦର୍ଶ ଶିକ୍ଷକ ହେବା ପାଇଁ ଲକ୍ଷ୍ୟ ରଖିଛି। କାରଣ ଗୁରୁ ତଥା ଶିକ୍ଷକ ସବୁବେଳେ ଅଗ୍ରପୂଜ୍ୟ। ଜଣେ ଉତ୍ତମ ଶିକ୍ଷକ ହେଲେ ପିଲାଙ୍କୁ ଭଲ ପାଠ ପଢାଇ ସେମାନଙ୍କ ଭବିଷ୍ୟତ ନିର୍ମାଣରେ ସହାୟକ ହୋଇପାରିବି। ପାର୍ଥସାରଥି ଗଁଦିଆ ବ୍ଲକ ମଠତେନ୍ତୁଳିଆ ଗ୍ରାମର ଚାଷୀ ପ୍ରସନ୍ନ କୁମାର ଖିଲାର ଓ ଗୃହିଣୀ କୁନି ଖିଲାରଙ୍କ ଜ୍ୟୋଷ୍ଠ ପୁତ୍ର। ତାଙ୍କର ଏହି ସଫଳତା ପରେ ଗଁଦିଆ ଅଞ୍ଚଳରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବୁଥ୍ ପରିସରରେ ଲୁହା ପାଇପ୍‌ରେ ଆକ୍ରମଣ ଅଭିଯୋଗ

ବଇଣ୍ଡା,୨୭।୫(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହିମିତିରା ବିଦ୍ୟାଳୟ ନିକଟରେ ହୋଇଥିବା ବୁଥ୍ ପରିସରରେ ଦମଦର ଗ୍ରାମର ଶମ୍ଭୁନାଥ ନାୟକଙ୍କୁ ହିମିତିରା ଅଞ୍ଚଳର ବ୍ରହ୍ମାନନ୍ଦ ଦେହୁରୀ, ରିମାନ ପ୍ରଧାନ, ବିଷ୍ଣୁ ଦେହୁରୀ ଏକ ଲୁହା ପାଇପ୍ ସାହାଯ୍ୟରେ ଆକ୍ରମଣ କରିଛନ୍ତି। ବୁଥ୍ ପରିସରରେ ଗଣ୍ଡଗୋଳ କରୁଥିବାବେଳେ ପ୍ରତିବାଦ କରିବାରୁ ତାଙ୍କୁ ଲୁହା ପାଇପ୍ ସାହାଯ୍ୟରେ ମାଡ଼ ମରାଯିବା ସହ ଜାତିଆଣ ଆକ୍ଷେପ କରାଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ପୋଲିସ ନମ୍ବର ୧୨୫/୨୪ରେ ଏକ ମାମଲା ରୁଜୁ କରିଛି। ଅନ୍ୟପଟେ ବୁନୁ ବେହେରା ଏକ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ସେ ଉଲ୍ଲେଖ କରିଛନ୍ତି, ହିମିତିରା ବିଦ୍ୟାଳୟ ନିକଟରେ ହୋଇଥିବା ବୁଥ୍‌ରେ ଭୋଟ ଦେଉଥିବାବେଳେ ଗୋଟିଏ ଦଳରେ ଭୋଟ ଦେବାକୁ କହି ଶମ୍ଭୁନାଥ ନାୟକ, ରାଜ କିଶୋର ପ୍ରଧାନ, ରାକେଶ ସାହୁ ମାଡ଼ ମାରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ନଂ.୧୨୬/୨୪ରେ ଏକ ମାମଲା ରୁଜୁ କରିଛି।

## ଦୋକାନ ନିକଟରୁ ବାଇକ୍ ଚୋରି

ଅନୁଗୋଳ,୨୭।୫ (ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା ଖଲାରୀ ଗ୍ରାମର ଜଣେ ବ୍ୟବସାୟୀ ଦିଗବିଜୟ ସାହୁଙ୍କ ଗାଡ଼ି ଚୋରି ହୋଇଛି। ଏ ନେଇ ଦିଗବିଜୟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୩୧/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଦିଗବିଜୟ ତାଙ୍କ ଗାଡ଼ି (ନଂ. ଓଆର ୧୯ ଏମ୍ ୭୩୦୮) ଦୋକାନ ନିକଟରେ ରବିବାର ରଖିଥିଲେ। ସନ୍ଧ୍ୟାରେ ସେ ଗାଡ଼ି ପାଇ ନ ଥିଲେ। ସିସିଟିଭି ଫୁଟେଜରୁ ଗାଡ଼ି ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଶ୍ରୀ ମଦନ ମୋହନ ଜୀଉଙ୍କ ଗରୁଡ଼ ଗୋବିନ୍ଦ ବେଶ

ଢେଙ୍କାନାଳ,୨୭।୫(ରତନ ନାୟାର)



ଢେଙ୍କାନାଳର ପରମ ଆରାଧ୍ୟ ଶ୍ରୀ ବଳରାମ ମହାପ୍ରଭୁଙ୍କ ଚଳନ୍ତି ବିଜେ ପ୍ରତିମା ଶ୍ରୀ ମଦନ ମୋହନ ଜୀଉଙ୍କ ଭଉଁରି ଯାତ୍ରା ରବିବାର ସନ୍ଧ୍ୟାରେ ଶୁଭାରମ୍ଭ ହୋଇଛି। ଭାଗୀରଥି ସାଗରର ଖନନ କାର୍ଯ୍ୟ ହେତୁ ପ୍ରଭୁଙ୍କ ଚାପ ଓ ଭଉଁରି ବନ୍ଦ ରହିଥିଲେ ହେଁ ନିତ୍ୟ ନୈମିତିକ ପୂଜାର୍ଚ୍ଚନା ଭାଗୀରଥି ସାଗର ତଟରେ ଥିବା ସ୍ୱତନ୍ତ୍ର ପୂଜାର୍ଚ୍ଚନା ଗୃହରେ ଅବ୍ୟାହତ ରହିଛି। ରବିବାର ଭଉଁରି ଯାତ୍ରାର ପ୍ରଥମ ଦିବସରେ ମଦନ ମୋହନ ଜୀଉଙ୍କ ଆକର୍ଷଣୀୟ ଗରୁଡ-ଗୋବିନ୍ଦ ବେଶ ଅନୁଷ୍ଠିତ ହୋଇଥିଲା। ଶ୍ରୀ ମଦନମୋହନ ଏହି ଭଉଣୀ ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଉପସ୍ଥିତ ରହି ଆଳତି ଦର୍ଶନ କରିଥିଲେ। ପୂଜକ ମଳୟ କର, କାଳିଆ ସେବକ ଶମ୍ଭୁନାଥ ମହାପାତ୍ର ଓ ନିର୍ମଳ ମହାନ୍ତି ଏବଂ କାହାଳିଆ ଟିକନ ବେହେରା ପ୍ରଭୁଙ୍କ ସେବାରେ ନିଯୁକ୍ତ ହୋଇଥିଲେ। ରାତି ୮ଟାରେ ନୈବେଦ୍ୟ ଲାଗି ହେବା ପରେ ଶ୍ରୀ ମଦନ ମୋହନଜୀଉ ପାଲିଙ୍କିରେ ଶ୍ରୀ ବଳରାମ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

## ଗାଳିଗୁଲଜ ପରେ ଜେସିବି ଲଗାଇ ରାସ୍ତା କାଟିଦେଲେ

ଢେଙ୍କାନାଳ,୨୭।୫(ରତନ ନାୟାର)

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଲାଉଲଇ ଗ୍ରାମର ବୀର କିଶୋର ବାରିକ(୫୮)ଙ୍କ ଘର ରାସ୍ତାକୁ ପ୍ରାୟ ୬ଜଣ ବ୍ୟକ୍ତି ରବିବାର ଜେସିବି ଓ ଲୁହାରଡ ଲଗାଇ କାଟିଦେବା ସହ ତାଙ୍କୁ ଗାଳିଗୁଲଜ, ଧମକଚମକ ଦେଇଥିବା ନିହଲ ପ୍ରସାଦ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ଏହି ଘଟଣାରେ ପୂର୍ବତନ ବିଧାୟକ ନବୀନ ନନ୍ଦ ଦୁଃଖ ପ୍ରକାଶ କରିବା ସହ ଏଥିରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ ପ୍ରଶାସନକୁ ଏକ୍ସ ଯୋଗେ ଜଣାଇଛନ୍ତି। ବିଜେଡି ଦଳକୁ ଭୋଟ ନ ଦେବାରୁ ରାଗରଖି ଏହି ଘଟଣା ଘଟାଯାଇଥିବା ପୂର୍ବତନ ବିଧାୟକ ଜଣାଇଛନ୍ତି।


ଜେସିବି ଲଗାଇ କାଟି ଦେଇଥିବା ଘର ରାସ୍ତା।

## ବଜ୍ରପାତରେ ଜଣେ ମୃତ

ଛେଣ୍ଡିପଦା,୨୭।୫ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଥାନା ଅନ୍ତର୍ଗତ ସାମଲମଳିହା ଗ୍ରାମରେ ସୋମବାର ସନ୍ଧ୍ୟାରେ ବଜ୍ରପାତ ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସାମଲମଳିହା ଗ୍ରାମର ପୀତବାସ ସାହୁ। ପୀତବାସ ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ବର୍ଷା ଓ ଘଡଘଡି ସହ ବଜ୍ରପାତ ହେବାରୁ ସେ ଅଚେତ ହୋଇ ପଡିଯାଇଥିଲେ। ତାଙ୍କୁ ପରିବାର ଲୋକେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ଥିବାରୁ ସେଠାରୁ ତାଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ପୀତବାସଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ଭାଇ ବାନାମ୍ବର ସାହୁ ବାଗଡିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ଘଟଣାର ତଦନ୍ତ ଜାରି ରଖିଛି। ପୀତବାସଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତୁରନ୍ତ ତାଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟର ସଫଳତା



କଣିହାଁ,୨୭।୫(ସଚ୍ଚିଦାନନ୍ଦ ପ୍ରଧାନ)

୨୦୨୪ ମସିହା ବାର୍ଷିକ ହାଇସ୍କୁଲ ପରୀକ୍ଷାରେ କଣିହାଁ ପବିତ୍ରମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ସଫଳତା ପାଇଛି। ରତନ ଦୀପ ସାହୁ, ଓମ୍‌ପ୍ରକାଶ ସାହୁ ଯଥାକ୍ରମେ ୫୪୪ ଓ ୫୪୦ ନମ୍ବର ରଖି ବିଦ୍ୟାଳୟର ତଥା ଅଞ୍ଚଳ ପାଇଁ ସୁନାମ ଆଣିଛନ୍ତି। ସୋମବାର ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଦାଶରଥି ଜେନାଙ୍କ ସଭାପତିତ୍ୱରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଅନୁଷ୍ଠିତ ସଭା ହୋଇଥିଲା। ବିଦ୍ୟାଳୟ ଆଲୁମନି ସଭାପତି ସୁକାନ୍ତଚନ୍ଦ୍ର ପ୍ରଧାନ, ସମ୍ପାଦକ ଭୂପେନ ଗଡନାୟକ, ଉପସଭାପତି ସୁଧାକର ପ୍ରଧାନ, ଏସ୍‌ଏମ୍‌ସି ସଭାପତି ଅଭିନ୍ନ ଚନ୍ଦ୍ର ପ୍ରଧାନ, ଶିକ୍ଷକ ସିଦ୍ଧିପ୍ରସାଦ ସାହୁ, ଜସ୍ମିନି ପ୍ରଧାନ, ଭୀମସେନ ସାମଲ, ଗୋଦାବରୀ ଗଡନାୟକ, ବିନାୟକ ପ୍ରଧାନ, ଇନ୍ଦ୍ରଜିତ୍ ପ୍ରଧାନ ଓ ଶିକ୍ଷାବିତ୍ ବୀରବର ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀ ରତନ ଦୀପ ସାହୁ ଓ ଓମ୍ ପ୍ରକାଶ ସାହୁଙ୍କୁ ସମ୍ମାନିତ କରିଥିଲେ। ବିଦ୍ୟାଳୟର ଆଉ ଦୁଇ ଜଣ ଛାତ୍ର ବହୁତ ଅଳ୍ପ ନମ୍ବରରେ ଏ-୧ ରୁ ବଞ୍ଚିତ ହୋଇଥିବାରୁ ଶିକ୍ଷକ ବୃନ୍ଦ ଦୁଃଖ ପ୍ରକାଶ କରିଥିଲେ। ଆସନ୍ତା ବର୍ଷ ଆହୁରି ଭଲ ପରୀକ୍ଷା ଫଳ ଭଲ ହେବ ବୋଲି ଆଶା ପ୍ରକାଶ କରିଥିଲେ।

## ମାତୃଭବନ ବାରଦାର ଶତପ୍ରତିଶତ ସଫଳତା

ଢେଙ୍କାନାଳ,୨୭।୫(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ମାତୃଭବନ ଉଚ୍ଚ ବିଦ୍ୟାଳୟ ବାରଦାର ସମସ୍ତ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ମୋଟ୍ ୫୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ଏ-୨ରେ ଜଣେ, ବି-୧ରେ ଜଣେ, ବି-୨ରେ ୬ଜଣ, ସି-ଗ୍ରେଡ୍‌ରେ ୧୭ଜଣ, ଡି-ଗ୍ରେଡ୍‌ରେ ୨୭ଜଣ ଓ ଇ-ଗ୍ରେଡ୍‌ରେ ୬ ଜଣ ପାସ୍ କରିଛନ୍ତି। ବିଦ୍ୟାଳୟର ଛାତ୍ର ରତିକାନ୍ତ ବେହେରା ୪୮୦ ନମ୍ବର ରଖି ସଫଳତା ପାଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ରୂପଶ୍ରୀ ରଥ, ଶିକ୍ଷକ ଅଶୋକ କୁମାର ଦାସ, ଚିତ୍ତରଞ୍ଜନ ନନ୍ଦ, ଚନ୍ଦ୍ରମଣି ଦଳବେହେରା, ଅରୁଣ କୁମାର ଓଝା, ବିଜୟ କୁମାର ନନ୍ଦ, ସୁଜାତା ଦାସ, କଳ୍ପନା ଆଚାର୍ଯ୍ୟ, ତିଳୋତ୍ତମା କରଣ ଏବଂ ପରିଚାଳନା କମିଟି ସଭାପତି ବିମଳ କୁମାର ପରିଡା, ଅନ୍ୟ ସଦସ୍ୟ ବୃନ୍ଦ, ଛାତ୍ରୀଛାତ୍ରମାନଙ୍କ ଅଭିଭାବକ ଏବଂ ଏ ଅଞ୍ଚଳର ଜନସାଧାରଣ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପୁଣି ଚମକିଲେ ପ୍ରକାଶ



### ୪ ସ୍ୱର୍ଣ୍ଣ ପଦକ ଜିତି ଜିଲା ପାଇଁ ଆଣିଲେ ଗୌରବ

ଅନୁଗୋଳ,୨୭।୫ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ପୁଅ ପ୍ରକାଶ ଗଡ଼ନାୟକ ୪ଟି ସ୍ୱର୍ଣ୍ଣ ଜିତି ଜିଲା ପାଇଁ ଗୌରବ ଆଣିଛନ୍ତି। ହାଇଦ୍ରାବାଦ ଗାଚ୍ଛିବୋଲି ଷ୍ଟାଡିୟମରେ ପ୍ୟାନ୍ ଇଣ୍ଡିଆ ମାଷ୍ଟରସ୍ ଗେମ୍‌ସ ଫେଡେରେଶନ ପକ୍ଷରୁ ଚାଲିଥିବା ପ୍ରତିଯୋଗିତାରେ ସେ ଚମକିଛନ୍ତି। ଦେଶର ବିଭିନ୍ନ ରାଜ୍ୟରୁ ୨ ହଜାର ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମଧ୍ୟ ୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଅନୁଗୋଳର ପ୍ରକାଶ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ୪ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୬୦ ମିଟର, ଶହେ ମିଟର, ଦୁଇ ଶହ ମିଟର ଏବଂ ଲମ୍ବଡିଆଁରେ ପ୍ରଥମ ସ୍ଥାନ ଅଧିକାର କରି ଏହି ପଦକ ହାତେଇଛନ୍ତି। ସେ ଏହି ପ୍ରତିଯୋଗିତା ପରେ ଅଷ୍ଟ୍ରେଲିଆରେ ୱାର୍ଲ୍ଡ ମାଷ୍ଟର୍ସ ଗେମ୍‌ସରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ ପ୍ରକାଶ ବାଂଲାଦେଶ, ଶ୍ରୀଲଙ୍କା, ମାଲେସିଆ, ନେପାଳ ଓ ଭୂଟାନରେ ହୋଇଥିବା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପଦକ ହାସଲ କରିଛନ୍ତି।

# ନାଗନାଥେଶ୍ୱର ମହାଦେବଙ୍କ ନିର୍ବନ୍ଧ ସମାପନ

ଢେଙ୍କାନାଳ,୨୭।୫(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ବ୍ରାହ୍ମଣୀ ନଦୀ କୂଳ ବଡ ନାଗେନା ଗ୍ରାମରେ ଆର୍ଯ୍ୟାବତର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ସ୍ଥାନିତ ମହାପ୍ରଭୁ ଶ୍ରୀଶ୍ରୀ ନାଗନାଥେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା ସହ ନିର୍ବନ୍ଧ ସୋମବାର ମହାସମାରୋହରେ ସମାପନ ହୋଇଛି। ଆସନ୍ତା ୯ ତାରିଖରେ ମଙ୍ଗଳପାକ, ୧୦ ତାରିଖରେ ଶିବ ବିବାହ ହେବ। ବିବାହ ଦିବସ ସନ୍ଧ୍ୟା ୬ଟାରେ ଦିଅଁମଙ୍ଗୁଳା, ରାତି ୮ଟାରେ ଶୋଭାଯାତ୍ରା ଏବଂ ରାତି ୯ଟାରେ ଶିବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯିବ। ଚଳିତବର୍ଷ ଶିବ ବିବାହ ଉତ୍ସବ ପାଇଁ ଢେଙ୍କାନାଳ ସହର ଲକ୍ଷ୍ମୀ ବଜାର ଅଞ୍ଚଳର ପଦ୍ମାଳୟା ଦାସ ଓ ସତ୍ୟସ୍ୱରୂପ ଦାସ ମାତାପିତାଙ୍କ ସ୍ଥାନ ନେଇଛନ୍ତି। ସେହିପରି ଉକ୍ତ ଅଞ୍ଚଳର ବିନ୍ଦିଆ ଶର୍ମା ଓ ଦେବୀ ଶଙ୍କର ଶର୍ମା ମାତା ପାର୍ବତୀଙ୍କ ମାତାପିତା ସ୍ଥାନ ନେଇଛନ୍ତି । ବଡ଼ ନାଗେନାସ୍ଥିତ ଏହି ପ୍ରସିଦ୍ଧ ଶୈବପୀଠରେ ବୈଦିକ ରୀତିରେ ଶିବ ବିବାହ ଅନୁଷ୍ଠିତ ହେବ। ସୋମବାର ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇ ଉଭୟ ବରପକ୍ଷ ଓ କନ୍ୟାପକ୍ଷଙ୍କ ଉପସ୍ଥିତିରେ ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା। ଏହାପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଶ୍ରୀଶ୍ରୀ ନାଗନାଥେଶ୍ୱର ଉନ୍ନୟନ ପରିଷଦ ସଭାପତି ନିତ୍ୟାନନ୍ଦ ସାହୁ, ସମ୍ପାଦକ ସୁଦାମ ଚନ୍ଦ୍ର ବେହେରା, ପୂଜକ ସାଧୁଚରଣ ପାଣି, ସଦସ୍ୟ ଗୋପାଳ ଚନ୍ଦ୍ର ଦାଶ, ପ୍ରଶାନ୍ତ ସାହାଣି, ଅଶୋକ ପଣ୍ଡା, ଶ୍ରୀବତ୍ସ ଦାସ ଓ ସବ୍ୟସାଚୀ ପାଣି ପ୍ରମୁଖଙ୍କ ସମେତ ବଡ଼ ନାଗେନା ଗ୍ରାମବାସୀ ଏବଂ ବର କନ୍ୟାଙ୍କ ମାତାପିତାଙ୍କ ପକ୍ଷରୁ ସୁକାନ୍ତ ମିଶ୍ର, ଦେବାଶିଷ ମିଶ୍ର, ଅଥୟ ସାହୁ, ଲକ୍ଷ୍ମୀକାନ୍ତ ସାହୁ, ଦୁଷ୍ମନ୍ତ ବରାଳ, ଆଶୁତୋଷ ମହାପାତ୍ର, ସୌରଭ ବିଶ୍ୱାଳ, ଅଂଶୁମାନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।



